রাণা প্রতাপ সিংহ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଫେବୃଆରୀ 20,1997

[କେ. ରାମାସ୍ୱାମୀ ଏବଂ ଏସ୍. ସାଘିର୍ ଅହମ୍ମଦ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଉତ୍ତର ପ୍ରଦେଶ ଆରକ୍ଷୀ ଅଧିକାରୀ ନିୟମ ପୁସ୍ତିକା :*

*ଅନୁଚ୍ଛେଦ 191- ଆରକ୍ଷୀ ଅଧିକାରୀ - ଉପ-ନିରୀକ୍ଷକ ଭାବେ କାର୍ଯ୍ୟ କରିବାକୁ ପଦୋନ୍ନତି - ସରକାର ଡିସେମ୍ବର 1984 ରେ 1300 ପ୍ରୟୋଜନାତିରିକ୍ତ ପଦବୀକୁ ମଞ୍ଜୁର କରିଥିଲେ - ଯେଉଁ ଅଧିକାରୀମାନେ ତିନି ବର୍ଷ କିମ୍ବା ତା 'ଠାରୁ ଅଧିକ ସମୟ ପାଇଁ ଉପ-ନିରୀକ୍ଷକ ପଦବୀରେ 30.9.1984 ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ, ସେମାନେ ନୂତନ ରୂପେ ସୃଷ୍ଟି ହୋଇଥିବା ପଦବୀରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ -ଏହି ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଥିଲା ସେହି ସମସ୍ତ ବ୍ୟକ୍ତିଙ୍କ ମାମଲା ଉପରେ ବିଚାରକୁ ନିଆଯିବ ଯେଉଁମାନେ ତିନି ବର୍ଷ କିମ୍ବା ତା' ଠାରୁ ଅଧିକ ଅବଧି ପୂରଣ କରିଥିଲେ, ଏବଂ ଅନ୍ୟମାନଙ୍କୁ ପୂର୍ବ ପଦବୀକୁ ପ୍ରତ୍ୟାବର୍ତ୍ତନ କରିଦିଆଯିବ - ଆବେଦନକାରୀଙ୍କ ଦାବି ଥିଲା ଯେ ସେ 1983 ରେ ତାଙ୍କ ପୂର୍ବ ପଦବୀକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ, ସେ ତିନି ବର୍ଷରୁ ଅଧିକ ଅବଧି ପୂରଣ କରିସାରିଥିଲେ - ରାୟ ଦିଆଗଲାଯେ , ତାଙ୍କ (ଆବେଦନକାରୀ) ମାମଲାକୁ ବର୍ତ୍ତମାନ ସରକାର ନିୟମ ଅନୁଯାୟୀ ବିଚାର କରିବେ ଯେ, ତାଙ୍କୁ (ଆବେଦନକାରୀ) 1300 ଅତିରିକ୍ତ ପଦବୀ ମଧ୍ୟରୁ ଗୋଟିଏରେ ଅସ୍ଥାୟୀ ପଦୋନ୍ନତି ଦିଆଯିବ ଏବଂ ନିଶ୍ଚିତକରଣ କରାଯିବ, ସେଥିପାଇଁ ଉପଯୁକ୍ତ ଆଦେଶ ପାରିତ କରାଯିବ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2575/1984

ଆଜ୍ଞାଦେଶ ଆବେଦନ ସଂଖ୍ୟା 2880/1983 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 17.11.83 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏଚ. କେ. ପୁରୀ ।

ନ୍ୟାୟାଳୟଙ୍କର  ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ, ଆଜ୍ଞାଦେଶ ଆବେଦନ ସଂଖ୍ୟା 2869/1983 ଇତ୍ୟାଦିରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତାରିଖ 17 ନଭେମ୍ବର, 1983 ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । ଏଠାରେ ଆବେଦନକାରୀଙ୍କ ଦ୍ୱାରା ଦେୱାନୀ ଆବେଦନ ସଂଖ୍ୟା 2880/1983 ଦାଖଲ କରାଯାଇଛି ।

ଉଚ୍ଚ ନ୍ୟାୟାଳୟଙ୍କର ଲକ୍ଷ୍ନୌ ସ୍ଥିତ ଖଣ୍ଡପୀଠ, ନଭେମ୍ବର 17,1983 ତାରିଖର ଆଦେଶ ଦ୍ୱାରା ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ସମେତ ସମସ୍ତ ଆଜ୍ଞାଦେଶ ଆବେଦନଗୁଡିକୁ ଖାରଜ କରିଦେଇଥିଲେ । ପରବର୍ତ୍ତୀ ସମୟରେ, ଆବେଦନଗୁଡିକ ବିଚାରାଧୀନ ଥିବାବେଳେ, ସରକାର, ଡିସେମ୍ବର 1,1984 ତାରିଖ ଦିନ କାର୍ଯ୍ୟାନୁଷ୍ଠାନ ଦ୍ୱାରା ନିଷ୍ପତ୍ତି ନେଇଥିଲେ ଯେ ବେସାମରିକ ଆରକ୍ଷୀ ବାହିନୀର ବେତନ ହାର Rs. 515-860/- ରେ 1300 ଟି ଅତିରିକ୍ତ ପଦବୀ ସୃଷ୍ଟି ପାଇଁ ମଞ୍ଜୁରି ଦିଆଯିବ ଏବଂ "କେବଳ ସେହି କାର୍ଯ୍ୟନିର୍ବାହୀ ଉପ-ନିରୀକ୍ଷକମାନଙ୍କୁ ଏହି ପଦବୀରେ ଅନ୍ତର୍ଭୁକ୍ତ କରାଯିବ ଯେଉଁମାନେ 30 ସେପ୍ଟେମ୍ବର, 1984 ସୁଦ୍ଧା ତିନି ବର୍ଷ କିମ୍ବା ତାଠାରୁ ଅଧିକ ଅବଧି ପାଇଁ ଉପ-ନିରୀକ୍ଷକ ପଦବୀରେ କାର୍ଯ୍ୟ କରିଥିବେ । "19 ଏପ୍ରିଲ, 1985ରେ ଏହି ନ୍ୟାୟାଳୟ ଦେୱାନୀ ଆବେଦନ ସଂଖ୍ୟା  8820 /1983 କୁ ଏବଂ ଏହା ସହ ସମୂହ ମମାଲାଗୁଡିକୁ ସମାଧାନ କରି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ  ସେହି ସମସ୍ତ ବ୍ୟକ୍ତିଙ୍କ ମାମଲା ଉପରେ ବିଚାର କରନ୍ତୁ ଯେଉଁମାନେ ଉପରୋକ୍ତ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ସେହି ପ୍ରଯୋଜନାତିରିକ୍ତ ପଦବୀଗୁଡିକରେ ଅନ୍ତର୍ଭୁକ୍ତ ହେବା ନିମିତ୍ତ, ତିନି ବର୍ଷ କିମ୍ବା ତା 'ଠାରୁ ଅଧିକ ଅବଧି ପୂରଣ କରିଛନ୍ତି ଏବଂ ଆରକ୍ଷୀ ନିୟମ ପୁସ୍ତିକାର ଅନୁଚ୍ଛେଦ 191 ଅନୁଯାୟୀ ପଦୋନ୍ନତି ପାଇଛନ୍ତି ।ଉକ୍ତ ଅନୁଚ୍ଛେଦ 191 ଅଧୀନରେ ଅନ୍ତର୍ଭୁକ୍ତ ଅନ୍ୟ ଉପ- ନିରୀକ୍ଷକମାନଙ୍କ କ୍ଷେତ୍ରରେ, ଯେଉଁମାନେ ତିନି ବର୍ଷର ସେବା ସମ୍ପୂର୍ଣ୍ଣ କରିନଥିଲେ, ସେମାନଙ୍କ ପୂର୍ବ ପଦବୀକୁ ପ୍ରତ୍ୟାବର୍ତ୍ତନକୁ କାଏମ ରଖାଯାଇଥିଲା ।

ଆବେଦନକାରୀ ଏଠାରେ ଦାବି କରିଛନ୍ତି ଯେ ସେ ଫେବୃଆରୀ 1976 ରେ ଅସ୍ଥାୟୀ ଭାବରେ ଉପ-ନିରୀକ୍ଷକ ଭାବରେ ପଦୋନ୍ନତି ପାଇଥିଲେ ଏବଂ ସେହି ଆଧାରରେ ନିଯୁକ୍ତ ହୋଇଥିଲେ ଏବଂ ମେ 7, 1983 ରେ ତାଙ୍କୁ ପୂର୍ବ ପଦବୀକୁ ପ୍ରତ୍ୟାବର୍ତ୍ତନ କରାଯିବା  ପର୍ଯ୍ୟନ୍ତ ସେ ସେହି ପଦବୀରେ ରହିଥିଲେ । ଏହା ଜଣାପଡ଼ିବ ଯେ ବିଚାରାଧୀନ ଆବେଦନ ଭିତରେ,

ଆବେଦନକାରୀ, ନିଶ୍ଚିତ ଭାବରେ ସେବାରୁ ଅବସର ନେଇଥିବେ । ତେବେ, ଯଦି ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ପରିପ୍ରେକ୍ଷୀରେ ଆବେଦନକାରୀଙ୍କ ମାମଲା ବିଚାର କରାଯାଇଥାନ୍ତା, ତେବେ ଆଉ କୌଣସି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡ଼ିନଥାନ୍ତା । ଆବେଦନ ବିଚାରାଧୀନ ଥିବାରୁ ଯଦି ସରକାର ତାଙ୍କ ମାମଲାକୁ ବିଚାରକୁ ନେଲେ ନାହିଁ, ତାଙ୍କ (ଆବେଦନକାରୀ) ମାମଲାକୁ ବର୍ତ୍ତମାନ ସରକାର ନିୟମ ଅନୁଯାୟୀ ବିଚାର କରିବେ ଯେ, ତାଙ୍କୁ (ଆବେଦନକାରୀ) 19 ଏପ୍ରିଲ, 1985 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ଉପରୋକ୍ତ ଆଦେଶ ଦ୍ୱାରା ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା 1300 ପ୍ରଯୋଜନାତିରିକ୍ତ ପଦବୀ ମଧ୍ୟରୁ ଗୋଟିଏରେ ଅସ୍ଥାୟୀ ପଦୋନ୍ନତି ଦିଆଯିବ ଏବଂ ନିଶ୍ଚିତକରଣ କରାଯିବ, ସେଥିପାଇଁ ଉପଯୁକ୍ତ ଆଦେଶ ପାରିତ କରାଯିବ ।

ତଦନୁସାରେ ଆବେଦନଟିର ଫଇସଲା କରାଗଲା ।

କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।